**ତହସିଲଦାରଙ୍କ କାର୍ଯ୍ୟାଳୟ, ବୀରମହାରାଜପୁର**

**ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

**CORRIGENDUM**

ବିଜ୍ଞପ୍ତି ସଂଖ୍ୟା ୪୧୨୦ //ତାରିଖ **୦୭.୧୨.୨୦୧୮**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୀରମହାରାଜପୁର ତହସିଲ୍ ଅନ୍ତର୍ଗତ ନିମ୍ନଲିଖିତ ସୌରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ (O.M.C. Rules, 2016) ଦ୍ୱାରା ପ୍ରଣିତ Form - M ପୂରଣ କରି ୩ କପି ସହ ତତ ସଂଲଗ୍ନ ଦସ୍ତାବିଜ ସଂଲଗ୍ନ କରି ଜଉମୁତ ଲଫାଫାରେ ତହସିଲଦାର ବୀରମହାରାଜାପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ତା ୧୦.୧୨.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଆସନ୍ତା ତା ୨୮.୧୨.୨୦୧୮ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା ବାକ୍ସ (Drop Box ) ରେ ପକାଇ ପାରିବେ । ତା ୨୮.୧୨.୨୦୧୮ ରିଖ ଅପରାହ୍ନ ୫.୦୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର, ବୀରମହାରାଜପୁରଙ୍କ ରହିଅଛି ।

ପୁନଶ୍ଚ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଯେଉଁ ଲଘୁ ଖଣିଜ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖ ସୁଦ୍ଧା କୌଣସି ଦରଖାସ୍ତ କିମ୍ବା ଯଥେଷ୍ଟ ସଂଖ୍ୟା ର ଦରଖାସ୍ତ ହସ୍ତଗତ ହେବ ନାହିଁ କେବଳ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ରେ ତା ୦୪-୦୧-୨୦୧୯ ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଓ ତୃତୀୟ ପର୍ଯ୍ୟାୟରେ ତା ୧୧-୦୧-୨୦୧୯ ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଦରଖାସ୍ତ ସମାନ ଢଙ୍ଗରେ ଗ୍ରହଣକରି ଉକ୍ତ ତାରିଖରେ ଅପରାହ୍ନ ୩.୦୦ ଘଟିକା ରେ ତନଖି କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.subarnapur.nic.in ରେ ଉପଲବ୍ଧ ରହିଅଛି ।

ତହସିଲ୍‌ଦାର, ବୀରମହାରାଜପୁର

Scanned by CamScanner

**ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ –**

୧. ଦରଖାସ୍ତ ପାଉଣା ବାବଦ ଟ ୧୦୦୦.୦୦ ଙ୍କାର ଟ୍ରେଜେରି ଚାଲାନ (ଅଣ-ଫେରସ୍ତ) ।

(Head of Account-"0853-Non-Ferrous Mining and Metallurgical Industries -102-Mineral Concession fees, Rents and Royalties")

୨. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦିର ସଂପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସକୁ ପ୍ରଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ଵାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।

୩. ରାଜସ୍ଵ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣ ପତ୍ର ଯାହାର ମୂଲ୍ୟ କି. ଆବେଦନକାରୀ ଉଲ୍ଲେଖ କରିଥିବା ନିମ୍ନଲିଖିକ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ରାୟାଲିଟି ମୂଲ୍ୟ ଏବଂ ନିମ୍ନଲିଖିତ ଅତିରିକ୍ତ ଦେୟ ଠାରୁ କମ ହୋଇନଥିବ ।

୪. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବୀବରଣୀ ଯଥା- ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବାବଦୀୟ ତଥ୍ୟ ।

୫. ଗତ ଆର୍ଥିକ ବର୍ଷର VAT Clearance Certificate।

୬. I. T Clearance Certificate କିମ୍ବା ଗତ Assessment year ର I.T. Return ର ନକଲ ପ୍ରଦାନ କରିବେ ।

୭. ନିର୍ଦ୍ଧାରିତ ଅମାନତ ରାଶି ମୂଲ୍ୟର ଡିମାଣ୍ଡ ଡ୍ରାଫ (Demand Draft )।

**ବିଶେଷ ସର୍ତ୍ତାବଳୀ :**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ , 2004 (O.M.M.C. Rule 2004 ) ଲଘୁ ଖଣିଜ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ (O.M.M.C. Rules, 2016) ଓ ଲଘୁ ଖଣିଜ ରିହାତି ସଂଶୋଧିତ ନିୟମାବଳୀ ୨୦୧୭ (O.M.M.C. Rules, 2017) ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଯାହାକି ପ୍ରଚଳିତ ରୟାଲିଟିର ୫ % ଅଥବା ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ଵାରା ଅନୁମୋଦିତ ପରିମାଣରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କର ଦରଖାସ୍ତକୁ ଲିଜ୍ ପ୍ରାଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି; ତେବେ ଲିଜ୍‌ଧାରୀ ଚୟନ କରାଯିବ ।

୩. ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନ କାରି କ୍ଷମତା ପ୍ରାପ୍ତ ଅଧିକାରିଙ୍କ ଦ୍ଵାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ।

୪. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଲଘୁ ଖଣିଜ ଦ୍ରବ୍ୟ ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ଵାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ଅର୍ଥକୁ Environment Clearance

Scanned by CamScanner

ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed) ସଂପାଦନା କରିବେ ।

୫. ଯଦି, ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହାହେଲେ, ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିୟମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଯଦି, ଦରଖାସ୍ତ କାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନିଲାମଧାରୀମାନେ O.M.M.C. Rules, 2016 ରେ ଥିବା ନିୟମ ୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେଲେ ।

୮. ଲିଜଧାରୀ ଜମା ରୟାଲିଟିର ୨ % ଅର୍ଥ ଆୟକର ବାବଦକୁ, ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ ଏବଂ ୧୦% ଅର୍ଥ ରାଶି D. M. F. (District Mineral Foundation) ବାବଦକୁ ତହସିଲଦାରଙ୍କ ନିକଟରେ ଜମା କରିବେ ।

୯. ଦରଖାସ୍ତକାରୀ Mines & Minerals (Dev-& Regulation) Act, 1957 ଏବଂ Explosive Act, 1984 ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୦. ଦରଖାସ୍ତ କାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୧. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ Mining Plan ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ବ୍ୟୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀଙ୍କଠାରୁ ଉକ୍ତ ଖର୍ଚ୍ଚ, ଲିଜରାଜିନାମା ଦାଖଲ ସମୟରେ ଅସୁଲ କାରାଯିବ ।

୧୨. ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ସର୍ବୋନିମ୍ନ ପ୍ରତ୍ୟଭୁତ ପରିମାଣର (Annual Minimum Guaranteed Quantity) ମୋଟ ରୟାଲିଟି / ଅତିରିକ୍ତ ରୟାଲିଟି ବାବଦ ଦେୟର ମୋଟ ପରିମାଣର ୨୫% ରୁ E.M.D. ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପଇଠ କରିବା ପାଇଁ ବାଧ । ଯଦି, ଏହି ହିସାବ ହୋଇନପାରେ, ତେବେ, ଲିଜ ପ୍ରଦାନକାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥ (ବିନା ସୁଧରେ) ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ଟ.୧୦,୦୦୦ଙ୍କା ରୁପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ ୪୨)

Scanned by CamScanner

୧୩. ଲିଜ୍ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ ରେ O.M.M.C. Rule, 2016 ଥିବା ଫର୍ମରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନି ମାସ ମଧ୍ୟରେ ଲିଜଧାରୀ ଅନୁମୋଦନ ପ୍ରାପ୍ତ Mining Plan ଏବଂ Environment Clearance କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ ତାଙ୍କର ଲିଜ୍ ଅନୁମୋଦନ ବ୍ୟାଜପ୍ତି କରାଯିବ ଏବଂ ଜମା କରିଥିବା ଅମାନତ ରାଶି ବ୍ୟାଜପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

୧୪. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ୍‌ଧାରୀ ଲିଜ୍ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ,ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବ୍ୟାଜାପ୍ତ କରାଯିବ ।

୧୫. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ଲିଜ୍‌କୁ ନାକଚ କରିପାରିବେ ।

୧୬. ଯଦି କୌଣସି ଦରକାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି । ସେହି ଅମାନତ ଅର୍ଥରାଶି ଏବଂ ଲିଜ୍ ରାଜିନାମା ଲିଜ୍‌ଧାରୀଙ୍କ ଉତ୍ତରାଧିକାରୀଙ୍କ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ୍ ରାଜିନାମା କରି ସମ୍ପୃକ୍ତି ଖଣି ଲିଜ୍ ପରିଚାଳନା କରିପାରିବେ ।

୧୭. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ, ୨୦୧୬ O.M.M.C. Rule, 2016 ର ଧାରା ୨୭, ୨୮, ୨୯, ୩୦, ୩୧, ୩୨ ଏବଂ ୩୩ ର ସମସ୍ତ ଉପଧାରା ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୮. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀମାନେ ବର୍ଦ୍ଧିତ ଆଧାରରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.subarnapur.nic.in ରେ ଉପଲବ୍ଧ ରହିଅଛି । ଯଦି, ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, ବୀରମହାରାଜପୁର ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । ବୀରମହାରାଜପୁର ତହସିଲ ଅଧିନସ୍ଥ ସୈରାତ ଉତ୍ସ ଗୁଡିକର ସଂପୂର୍ଣ୍ଣ ବିବରଣୀ ଏଠି ସହିତ ସଂଲଗ୍ନ କରାଯାଇଅଛି ।

୧୯. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା , ଗଚ୍ଛିତ ଥିବା ଖଣିଜ ଦ୍ରବ୍ୟ ର ପରିମାଣ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କରି ଲିଜ ନିଲାମରେ ଅଂଶଗ୍ରହଣ କରିବେ । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ପରବର୍ତ୍ତୀ ସମୟରେ ଗ୍ରହଣ ଯୋଗ୍ୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ୍ୟ ଦାୟୀ ହେବେ ନାହିଁ ।

Scanned by CamScanner

୨୦. ଲିଜ ଅବଧି ମଧ୍ୟରେ କୌଣସି ବିପର୍ଯ୍ୟୟ ପାଇଁ କର୍ତୃପକ୍ଷ୍ୟ ଦାୟୀ ରହିବେ ନାହିଁ ।

୨୧. ଯଦି ଇସ୍ତାହାରରେ କିଛି ତ୍ରୁଟି ପରିଲକ୍ଷିତ ହୁଏ , ତାକୁ ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ ରହିଛି ।

୨୨. ଲିଜଧାରୀ ରୋୟାଲଟି ସହିତ ନିର୍ଦ୍ଧାରିତ Surface Rent ଓ Dead Rent ମଧ୍ୟ ପଇଠ କରିବେ ।

୨୩. ଲିଜ ଅବଧି ମଧ୍ୟରେ ଯଦି Schedule – I ରେ ଉଲ୍ଲେଖିତ ଦରରେ ଅଭିବୃଦ୍ଧି ଘଟେ ଓ ତାହା ଲିଜ ଧାରୀ ଉଲ୍ଲେଖ କରିଥିବା ଦର ଠାରୁ ବେଶୀ ହୋଇଥାଏ , ତେବେ ଲିଜ ଧାରୀ ବର୍ଦ୍ଧିତ ହାରରେ ସରକାରୀ ଦେୟ ପଇଠ କରିବେ।

ନିଲାମ ସ୍ଥାନ - ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର

ଧାର୍ଯ୍ୟ ତାରିଖ ଓ ସମୟ – ତା ୨୯-୧୨-୨୦୧୮ ରିଖ ଦିବା ୧୧.୦୦ ଘଟିକା ।

୭.୧୨.୧୮

ତହସିଲ୍‌ଦାର, ବୀରମହାରାଜପୁର

ଜ୍ଞାପକ ସଂଖ୍ୟା. **୪୧୨୧** ତାରିଖ **୦୭.୧୨.୨୦୧୮**

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର / ଉପ-ଜିଲ୍ଲାପାଳ, ବୀରମହାରାଜପୁର / ଗୋଷ୍ଠି ଉନ୍ନୟନ ଅଧିକାରୀ, ବୀରମହାରାଜପୁର/ ବୀରମହାରାଜପୁର ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି / ଗ୍ରାମ୍ୟ ନିର୍ମାଣ / ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ / ବୀରମହାରାଜପୁର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶିତ କରିବା ନିମନ୍ତେ ପ୍ରେରଣ କରାଗଲା । ଏକାକିତା ନକଲ ଏହି କାର୍ଯ୍ୟାଳୟର ନୋଟିସ ବାର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ତହସିଲଦାର, ବୀରମହାରାଜପୁର

ଜ୍ଞାପକ ସଂଖ୍ୟା. **୪୧୨୨** ତାରିଖ **୦୭.୧୨.୨୦୧୮**

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲା ବୌଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, ସୁବର୍ଣ୍ଣପୁର ଙ୍କ ନିକଟକୁ ଜିଲ୍ଲା ୱେବସାଇଟ www.subarnapur.nic.in ଜରିଆରେ ପ୍ରସାରିତ କରିବା ସକାଶେ ପ୍ରେରଣ କରାଗଲା ।

ତହସିଲଦାର, ବୀରମହାରାଜପୁର

Scanned by CamScanner

ANNEXURE-1

## ବୀରମହାରାଜପୁର ତହସିଲ ଅଧୀନରେ ଥିବା ଲଘୁ ଖଣି ଗୁଡିକର ସଂପୂର୍ଣ୍ଣ ବୀବରଣୀ

| କ୍ର. ନ | ମୌଜା ଓ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା | ରୟାଲିଟି ଦେୟ ଘ. ମି. ପ୍ରତି ଓ ନିମ୍ନତମ ଅତିରିକ୍ତ ଦେୟ | ସର୍ବନିମ୍ନ ବାର୍ଷିକ ପ୍ରତିଭୂତ ପରିମାଣ (ଘ. ମି.) |
|---|---|---|---|---|---|---|---|
| ୧ | ବରଘାଟ ଦାଦର ପଥର ଖାଦାନ | ୪୭ | ୩୭୨ | ପଥର ବଣି | ୦.୫୨୦ | ଟ. ୧୩୯ .୦୦ | ୧୦୪ |
| ୨ | ବୁଢିପଦର ପଥର ଖାଦାନ | ୮୩ | ୧୭୩୫ | ପଥର ବଣି | ୨.୮୦୦ | ଟ. ୧୩୯ .୦୦ | ୫୬୦ |
| ୩ | ଜନକପୁର ପଥର ଖାଦାନ | ୧୦୨ | ୭୪୫ | ପଥର ବଣି | ୨.୦୦୦ | ଟ. ୧୩୯ .୦୦ | ୪୦୦ |
| ୪ | ମୁଷୁଣ୍ଡୀ ପଧର ଖାଦାନ | ୭୩୯ | ୩୭୮୨ | ପଥର ବଣି | ୨.୦୦୦ | ଟ. ୧୩୯ .୦୦ | ୪୦୦ |
| ୫ | ଜନକପୁର ବାଲି ଖାଦାନ | ୧ | ୧୨ | ସୁରୁବାଲି ଯୋର | ୨.୦୦୦ | ଟ. ୪୦ .୦୦ | ୧୫୦୦ |

ତହସିଲଦାର, ବୀରମହାରାଜପୁର

Scanned by CamScanner